# NATIONAL NEWS BULLETIN (ODIA)
## 30 December - 2025
## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ପ୍ରାକ୍ ବଜେଟ୍ ପରାମର୍ଶ ସ୍ୱରୂପ ଆଜି ନୀତିଆୟୋଗ ସହ ବୈଠକ କରିବେ ପ୍ରଧାନମନ୍ତ୍ରୀ ।
- ଓଡ଼ିଶା ଉପକୂଳ ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ ଘାଟିରୁ ଦୀର୍ଘ ଦୂରଗାମୀ ଗାଇଡେଡ୍ ରକେଟ୍ ପିନାକ୍‌ର ପ୍ରଥମ ପରୀକ୍ଷଣ ସଫଳ ।
- ଧାର୍ମିକ ସଦ୍‌ଭାବନା ସହିତ ସମାଜର ବିକାଶ ଓ ମଙ୍ଗଳ ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି ।
- ଚଳିତ ମାସ ସୁଦ୍ଧା ଦେଶରେ ୬୧୪ ଲକ୍ଷ ହେକ୍ଟରରୁ ଅଧିକ ଅଞ୍ଚଳରେ ରବି ଫସଲ କରାଯାଇଥିବା କେନ୍ଦ୍ର ସରକାରଙ୍କ ସୂଚନା ।

ଏବଂ

- ମହିଳା ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍‌ରେ ଆଜି ଅନୁଷ୍ଠିତ ହେବ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ।

# ପିଏମ୍-ନୀତି ଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୀତିଆୟୋଗର ପ୍ରମୁଖ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞଙ୍କ ସହ ବୈଠକ କରିବେ । ବଜେଟ୍ ପ୍ରସ୍ତୁତି ପୂର୍ବରୁ ସରକାରଙ୍କ ଜାରି ରହିଥିବା ପରାମର୍ଶର ଅଂଶବିଶେଷ ଭାବରେ ଏହି ବୈଠକ ଅନୁଷ୍ଠିତ ହେବ । ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ଅଂଶଗ୍ରହଣ କରିବେ । ସୂଚନା ଅନୁଯାୟୀ ବିଶେଷଜ୍ଞମାନେ ଦେଶର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ଏବଂ ଭବିଷ୍ୟତର ପ୍ରାଥମିକତା ଉପରେ ସେମାନଙ୍କ ମତାମତ ଉପସ୍ଥାପନ କରିବେ । ପ୍ରଧାନମନ୍ତ୍ରୀ ମୋଦୀ ଆଗାମୀ କେନ୍ଦ୍ରୀୟ ବଜେଟ୍ ଉପରେ ବିଶେଷଜ୍ଞମାନଙ୍କ ସହ ଅଭିବୃଦ୍ଧି, ଆର୍ଥିକ ସ୍ଥିରତା ଏବଂ ଭବିଷ୍ୟତର ଆହ୍ୱାନ ଗୁଡ଼ିକ ସମ୍ପର୍କରେ ସେମାନଙ୍କ ମତାମତ ଲୋଡ଼ିବେ ବୋଲି ଅନୁମାନ କରାଯାଉଛି । ସରକାର ଚୂଡ଼ାନ୍ତ ବଜେଟ୍ ପ୍ରସ୍ତୁତି ପୂର୍ବରୁ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଏବଂ ନୀତିନିର୍ଦ୍ଧାରକମାନଙ୍କ ସହିତ ବୈଠକ କରି ସେମାନଙ୍କ ମତାମତ ଗ୍ରହଣ କରୁଛନ୍ତି । ଦେଶର ସାମଗ୍ରୀକ ବିକାଶ ଦିଗରେ ଏହି ବୈଠକଗୁଡ଼ିକରୁ ମିଳୁଥିବା ନିର୍ଯାଶ ଉପଯୋଗୀ ହେବ ବୋଲି କୁହାଯାଇଛି ।

# ଡିଆର୍‌ଡିଓ

ପ୍ରତୀରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ ଡି.ଆର୍.ଡି.ଓ. ଓଡ଼ିଶା ଉପକୂଳ ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ଘାଟୀରେ ସଫଳତାର ସହ ଦୀର୍ଘ ଦୂରଗାମୀ ଗାଇଡେଡ୍ ରକେଟ **LRGR** ୧୨୦ ପିନାକର ପ୍ରଥମ ପରୀକ୍ଷଣ ସଫଳ ହୋଇଛି। ରକେଟ୍‌କୁ ସର୍ବାଧିକ ୧୨୦ କିଲୋମିଟର ପର୍ଯ୍ୟନ୍ତ ପରୀକ୍ଷଣ କରାଯାଇଥିଲା ଏବଂ ଏହା ଯୋଜନା ମୁତାବକ ସମ୍ପୂର୍ଣ୍ଣ ଦୂରତା ମଧ୍ୟରେ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା ।

ଏଥିରେ ନିୟୋଜିତ ରେଞ୍ଜ ଉପକରଣଗୁଡ଼ିକ ଫ୍ଲାଇଟର ଗତିପଥରେ ଏହାର ଉଡ଼ାଣକୁ ଟ୍ରାକ୍ କରିଥିଲେ। ଆର୍ମାମେଣ୍ଟ୍ ରିସର୍ଚ୍ଚ ଆଣ୍ଡ୍ ଡେଭଲପମେଣ୍ଟ୍ ଏଷ୍ଟାବ୍ଲିସମେଣ୍ଟ ଦ୍ୱାରା ହାଇ ଏନର୍ଜି ମ୍ୟାଟେରିଆଲ୍ସ ରିସର୍ଚ୍ଚ ଲାବୋରେଟୋରୀ ସହିତ ମିଶି ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରୟୋଗଶାଳା ଏବଂ ଗବେଷଣା କେନ୍ଦ୍ର ଇମାରତ ସହାୟତାରେ ଡିଜାଇନ୍ କରାଯାଇଛି।

**LRGR**କୁ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ପିନାକା ଲଞ୍ଚର୍‌ରୁ ଉତକ୍ଷେପଣ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓକୁ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦୀର୍ଘ ଦୂରଗାମୀ ଗାଇଡେଡ୍ ରକେଟର ସଫଳ ଡିଜାଇନ୍ ଏବଂ ବିକାଶ' ସଶସ୍ତ୍ର ବାହିନୀର କ୍ଷମତାକୁ ବୃଦ୍ଧି କରିବ। ସେ ଏହାକୁ ଏକ ଯୁଗାନ୍ତକାରୀ ଉପଲବ୍ଧି ରୂପେ ଅଭିହିତ କରିଛନ୍ତି।

# ଇୟର ଏଣ୍ଡର

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗୀତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା ଭାରତର ସାଂସ୍କୃତିକ କ୍ଷେତ୍ରରେ ଚଳିତ ବର୍ଷ ଘଟିଥିବା ବିକାଶ ସମ୍ପର୍କରେ ।

ଚଳିତ ବର୍ଷ ଭାରତ ତାର ସାଂସ୍କୃତିକ ମୂଲ୍ୟବୋଧକୁ ଜାତୀୟତାର ପରିଚୟ ଭାବେ ସାବ୍ୟସ୍ତ କରିବା କ୍ଷେତ୍ରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲା । ଅଯୋଧ୍ୟାଠାରେ ଶ୍ରୀ ରାମ ଜନ୍ମଭୂମି ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ କରିବା ଏବଂ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧର୍ମଧ୍ୱଜାର ସ୍ଥାପନ କରିବା ଏକ ସାଂସ୍କୃତିକ ଓ ଐତିହାସିକ ମାଇଲ୍‌ଖୁଣ୍ଟ ଥିଲା । ଚଳିତ ବର୍ଷ ଆଲୋକର ପର୍ବ ଦୀପାବଳିକୁ ୟୁନେସ୍କୋର ସାଂସ୍କୃତିକ ଓ ଐତିହ୍ୟ ତାଲିକାରେ ମାନ୍ୟତା ମିଳିଥିଲା । ଦେଶର ଜାତୀୟ ସଂଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିର ବର୍ଷେ ବ୍ୟାପି ପାଳନ ଆରମ୍ଭ ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ସଂଗୀତର ଅନନ୍ୟତାକୁ ଆମ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ ।

**V/O-PM-1**

ଏକ କୋଟି ୬୦ ଲକ୍ଷରୁ ଅଧିକ ନାଗରିକ ବନ୍ଦେମାତରମ୍ ଗାୟନ କରିବା ସହ ଜାତୀୟତା ଆନ୍ଦୋଳନର ଏହି ଐତିହାସିକ ସ୍ମାରକୀକୁ ଦେଶବ୍ୟାପି ଏକ ଜନଆନ୍ଦୋଳନରେ ପରିଣତ କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ ।

**V/O-PM-2**

ଚଳିତ ବର୍ଷ ପ୍ରୟାଗରାଜ ମହାକୁମ୍ଭରେ ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ସେମାନଙ୍କ ଧାର୍ମିକ ପରମ୍ପରା ପାଳନ କରିଥିବା ବେଳେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀରେ ରାଷ୍ଟ୍ରୀୟ ଏକତା ଦିବସରେ ସ୍ୱତନ୍ତ୍ର ମୁଦ୍ରା ଏବଂ ଡାକ ଟିକଟ ଉନ୍ମୋଚନ କରାଯାଇଥିଲା । ଚଳିତ ବର୍ଷ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ୧୨୫ତମ ଜନ୍ମ ବାର୍ଷିକୀ ମଧ୍ୟ ପାଳନ କରାଯାଇଥିଲା । ୨୦୨୫ ଭାରତୀୟ ସଭ୍ୟତାର ସାଂସ୍କୃତିକ ପ୍ରତିରୂପ ଦେଶର ଏକତ୍ୱ ଭାବକୁ ନିଛକ ଭାବେ ପ୍ରଦର୍ଶନ କରିବାରେ ସଫଳ ହୋଇଥିଲ ।

# ଭିପି-ଥିରୁବନନ୍ତପୁରମ୍ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ସାମୂହିକ ଭାବନା ଏବଂ ଧାର୍ମିକ ସଦ୍‌ଭାବନା ସହିତ ସମାଜର ବିକାଶ ଓ ମଙ୍ଗଳ ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି । ଗତକାଲି ଥିରୁବନନ୍ତପୁରମ୍ ଠାରେ ଖ୍ରୀଷ୍ଟମାସ ଉତ୍ସବ ଏବଂ ନୂତନ ବର୍ଷ ‘ଦ ତ୍ରିଭେନ୍ଦ୍ରମ୍ ଫେଷ୍ଟ’ ସମାବେଶରେ

ଯୋଗଦେଇ ଉପରାଷ୍ଟ୍ରପତି କହିଛନ୍ତି, ଧାର୍ମିକ ଉତ୍ସବ ପାଳନ ଦ୍ୱାରା ଗଣତନ୍ତ୍ର, ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ବିକାଶର ପ୍ରକୃତ ପ୍ରତିଫଳନ ହୋଇପାରିବ ।

ଆଜି ଉପରାଷ୍ଟ୍ରପତି ଭାର୍କଲାଠାରେ ୯୩ତମ ଶିବଗିରି ତୀର୍ଥଯାତ୍ରାରେ ଯୋଗଦେବେ । ପରେ ଶ୍ରୀ ରାଧାକ୍ରିଷ୍ଣନ୍ ଥିରୁବନନ୍ତପୁରମ୍‌ର ମାର୍ ଇଭାନିଓସ୍ କଲେଜ୍‌ର ପ୍ଲାଟିନମ୍ ଜୁବ୍‌ଲି ସମାରୋହରେ ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

# ରବି କ୍ରପ୍-ଡିଇସି ଡାଟା

ଦେଶରେ ଚଳିତ ମାସ ସୁଦ୍ଧା ୬୧୪ ଲକ୍ଷ ହେକ୍ଟରରୁ ଅଧିକ ଅଞ୍ଚଳରେ ରବି ଫସଲ କରାଯାଇଥିବା କେନ୍ଦ୍ର ସରକାର କହିଛନ୍ତି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ଏହି ସମୟ ମଧ୍ୟରେ ୧୨୯ ହେକ୍ଟର ଜମିରେ ଡାଲି ଫସଲ କରାଯାଇଥିବା ବେଳେ ଚଳିତ ବର୍ଷ ଏହା ୧୩୩ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ଚଳିତ ବର୍ଷ ୪୯ ଦଶମିକ୍ ୬ ଲକ୍ଷ ହେକ୍ଟର ଜମିରେ ଶ୍ରୀଅନ୍ନ ଚାଷ କରାଯାଇଥିବା ବେଳେ ଗତ ବର୍ଷ ୪୮ ଲକ୍ଷ ହେକ୍ଟରରେ ଏହି ଚାଷ କରାଯାଇଥିଲା ।

# ଡବ୍ଲ୍ୟୁବି-ଏସ୍ଆଇଆର୍

ପଶ୍ଚିମବଙ୍ଗରେ ଦକ୍ଷିଣ ୨୪ ପରଗଣା ଜିଲ୍ଲାର ଏକ ଶୁଣାଣି କେନ୍ଦ୍ରରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ସି. ମୁରୁଗାନ୍ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ଚାଲିଥିବା ଶୁଣାଣି କେନ୍ଦ୍ରକୁ ସି. ମୁରୁଗାନ ଆସିବା ସମୟରେ ତୃଣମୂଳ କଂଗ୍ରେସର ବୁଥ୍‌ସ୍ତରୀୟ ଏଜେଣ୍ଟ ପ୍ରତିବାଦ କରିଥିଲେ ।

ପୂର୍ବରୁ ଗତ ରବିବାର ଦିନ ତୃଣମୂଳ କଂଗ୍ରେସର ସାଧାରଣ ସମ୍ପାଦକ ଏବଂ ସାଂସଦ ଅଭିଶେକ ବନ୍ଦୋପାଧ୍ୟାୟ ରାଜ୍ୟର ସମସ୍ତ ଶୁଣାଣି କେନ୍ଦ୍ରରେ ଯୋଗଦେବାକୁ ଦଳର ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ କହିଥିଲେ । ତେବେ ନିର୍ବାଚନ ଆୟୋଗ ଏଥିଲାଗି ଅନୁମତି ଦେଇନଥିଲେ । ଗତକାଲି ପଶ୍ଚିମବଙ୍ଗର ସମସ୍ତ ଜିଲ୍ଲାରେ ହୋଇଥିବା ଶୁଣାଣି ପର୍ଯ୍ୟାୟରେ ତୃଣମୂଳ କଂଗ୍ରେସର ବୁଥ୍‌ସ୍ତରୀୟ ଏଜେଣ୍ଟ-୨ ସହିତ ଜଡ଼ିତ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ରିପୋର୍ଟ ମିଳିଛି । ଗତ ଶନିବାର ଠାରୁ ସେଠାରେ ଶୁଣାଣି ଆରମ୍ଭ ହୋଇଛି ।

# ଇୟର ଏଣ୍ଡର-୨

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗୀତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା ଦେଶର ପଞ୍ଚାୟତିରାଜ ପ୍ରତିଷ୍ଠାନ ଗୁଡ଼ିକରେ ଚଳିତ ବର୍ଷ ଘଟିଥିବା ବିକାଶ ସମ୍ପର୍କରେ ।

୨୦୨୫ ବର୍ଷ ଦେଶର ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବା ଏବଂ ଗ୍ରାମୀଣ ଭାରତରେ ତୃଣମୂଳସ୍ତରର ପ୍ରଶାସନରେ ସୁଧାର ଆଣିବା କ୍ଷେତ୍ରରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବର୍ଷ ଥିଲା। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ କ୍ଷମତା ନିର୍ମାଣ, ତାଲିମ, ଡିଜିଟାଲ୍ ଶାସନ, ସଂସ୍ଥାଗତ ସୁଦୃଢ଼ୀକରଣ ଏବଂ ଜନଭାଗିଦାରୀ ଉପରେ କେନ୍ଦ୍ରିତ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରିଥିଲା। ପଞ୍ଚାୟତ-ସ୍ତରୀୟ ଯୋଜନା ଏବଂ ସେବା ପ୍ରଦାନରେ ଉନ୍ନତି, ନିର୍ବାଚିତ ପ୍ରତିନିଧିମାନଙ୍କୁ ସଶକ୍ତ କରିବା, ମହିଳା ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକଙ୍କ ଅଧିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ  ବିକଶିତ ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ ପଦକ୍ଷେପଗୁଡ଼ିକ ପଞ୍ଚାୟତର କେନ୍ଦ୍ରୀୟ ଭୂମିକାକୁ ସୁଦୃଢ଼ କରିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାମୀତ୍ୱ ଯୋଜନାରେ ୬୫ ଲକ୍ଷ ଗ୍ରାମୀଣ ନାଗରିକଙ୍କୁ ସେମାନଙ୍କ ଜମିର ଆଇନଗତ ଦସ୍ତାବିଜ ହସ୍ତାନ୍ତର କରିଥିଲେ। ଚଳିତ ବର୍ଷ ମଧ୍ୟ ପ୍ରଧାନମନ୍ତ୍ରୀ ବିହାର ମଧୁବନୀ ଜିଲ୍ଲାରେ ଜାତୀୟ ପଞ୍ଚାୟତିରାଜ ଦିବସକୁ ଉଦଘାଟନ କରିବା ସହିତ ୧୩ ହଜାର ୪୮୦ କୋଟି ଟଙ୍କାର ଆବାସିକ, ଗ୍ରାମୀଣ ବିକାଶ, ଶକ୍ତି, ପରିବହନ ଏବଂ ଯୋଗାଯୋଗ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।

ପଞ୍ଚାୟତିରାଜ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ଓଟିଟି ପ୍ଲାଟଫର୍ମ ମାଧ୍ୟମରେ ପଞ୍ଚାୟତିରାଜ ସହ ଜଡ଼ିତ ପ୍ରସଙ୍ଗରେ ଜନସଚେତନତା ସୃଷ୍ଟି କରିଥିଲା।

# କ୍ରିକେଟ୍

ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ରେ ଆଜି କେରଳର ଥିରୁବନନ୍ତପୁରମ୍ ସ୍ଥିତ ଗ୍ରୀନ୍ ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ମ୍ୟାଚ୍ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରିଛି । ଗତ ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୩୦ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।

# ହକି ଇଣ୍ଡିଆ ଲିଗ୍

ମହିଳା ହିରୋ ହକି ଲିଗ୍ ସିଜିନ୍‌ର ପ୍ରଥମ ମ୍ୟାଚ୍‌ରେ ଗତକାଲି ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ ସିଂହ ମୁଣ୍ଡା ଆଷ୍ଟ୍ରୋଟର୍ଫ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ରାଚି ବେଙ୍ଗଲ ଟାଇଗର୍ସ୍ ୧-୦ ଗୋଲ୍‌ରେ ଜେ.ଏସ୍.ଡବ୍ଲ୍ୟୁ. ସୁରୁମା ହକି କ୍ଲବ୍‌କୁ ପରାସ୍ତ କରିଛି । ସ୍ରାଚି ବେଙ୍ଗଲ ଟାଇଗର୍ସ୍‌ର ଅଗଷ୍ଟିନା  ଗୋର୍ଜେଲାନି ଖେଳର ୧୧ ମିନିଟ୍ ସମୟରେ ଗୋଲ୍ ଦେଇଥିଲେ । ହିରୋ ହକି ଇଣ୍ଡିଆ ଲିଗ୍‌ର ସମସ୍ତ ମ୍ୟାଚ୍ ଦୂରଦର୍ଶନର ସ୍ପୋର୍ଟସ୍ ଚ୍ୟାନେଲ୍ ଏବଂ ୱେବ୍ସ ଓ ହକି ଇଣ୍ଡିଆ ଲିଗ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଛି ।